ଚିଲିକାରେ ସି-ପ୍ଲେନ ସେବା ଆରମ୍ଭ ହେବା ପ୍ରସଙ୍ଗରେ

# ପର୍ଯ୍ୟଟନର ବିକାଶ ହେଲେ ଯୁବକମାନଙ୍କ ପାଇଁ ନୂଆ ନିଯୁକ୍ତି ସୃଷ୍ଟି ହେବା ସହ ରାଜ୍ୟର ରାଜସ୍ୱ ବୃଦ୍ଧି ପାଇବ : ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ତା ୧୩/୦୮ :** ନୂଆ ରୋଜଗାର ସୃଷ୍ଟି କରିବାରେ ପର୍ଯ୍ୟଟନର ଭୂମିକା ଅପରିହାର୍ଯ୍ୟ । ପର୍ଯ୍ୟଟନ କ୍ଷେତ୍ରରେ ଓଡିଶା ଆଗେଇବାର ଯଥେଷ୍ଟ ସମ୍ଭାବନା ରହିଛି । ପର୍ଯ୍ୟଟନର ବିକାଶ ହେଲେ ରାଜ୍ୟର ବିକାଶ ହେବ । ଓଡିଶାର ପର୍ଯ୍ୟଟନମାନଙ୍କର ଆଗମନ ହେଲେ ଓଡିଆ ଯୁବକ ମାନଙ୍କୁ କାମ ମିଳିବ, ରୋଜଗାର ବଢିବା ସହ ରାଜ୍ୟର ରାଜସ୍ୱ ବୃଦ୍ଧି ପାଇବ । ରାଜ୍ୟ ପର୍ଯ୍ୟଟନର ବିକାଶ ହେଲେ 'ନୂଆ ଓଡିଶା' ଗଠନରେ ମଧ୍ୟ ସହାୟକ ହୋଇପାରିବ । ଚିଲିକାରେ ସି-ପ୍ଲେନ ସେବା ଆରମ୍ଭ ହେବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ମେଟ୍ରୋଲୋଜି ଏବଂ ହାଇଡ୍ରୋଲୋଜି ବିଭାଗ ସହ ଚିଲିକା ଡେଭଲେପମେଂଟ ଅଥରିଟି ଫିସିବିଲିଟ ରିପୋର୍ଟ ଦେଇସାରିଛି । ଏସବୁ ପକ୍ରିୟାକୁ ପୂରା କରିବା ପରେ ଭାରତ ସରକାର ସି-ପ୍ଲେନ ସେବା ଆରମ୍ଭ କରିବେ । ଏହା ଦ୍ୱାରା ରାଜ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇବ । କେବଳ ଚିଲିକା ନୁହେଁ, ଓଡିଶାର ଉପକୂଳ ଅଂଚଳର ଭିତରକନିକା, କୋଣାର୍କ ସମେତ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀର ବିକାଶ ତ୍ୱରାନିତ ହୋଇପାରିବ । ଅନ୍ୟ ପଟେ କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ଶାସକ ବିଜେଡି ଦଳର ମନ୍ତ୍ରୀ ଓ ବିଧାୟକଗଣ ଏହାକୁ ବିରୋଧ କରିବା ରାଜ୍ୟ ପାଇଁ ତଥା ଓଡିଆ ଯୁବକମାନଙ୍କ ପାଇଁ ହିତକର ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**